# NATIONAL NEWS BULLETIN (ODIA)

**3 July - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସମ୍ବିଧାନ କେବଳ କିଛି ଧାରାର ସଂକଳନ ନୁହେଁ, ବରଂ ଏହାର ଆଭିମୁଖ୍ୟ ଏବଂ ଶବ୍ଦ ସରକାରଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ବୋଲି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଉତ୍ତରପ୍ରଦେଶ ହାଥ୍ରାସ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୨୧କୁ ବୃଦ୍ଧି ।

- ଝାଡ଼ଖଣ୍ଡ ରାଜନୈତିକ ସ୍ଥିତି ଉପରେ ଆଲୋଚନା ପାଇଁ ଆଜି ଇଣ୍ଡିମେଣ୍ଟ ବିଧାୟକ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ।

ଏବଂ

- ମସ୍କୋ ଶାନ୍ତି କଥାବାର୍ତ୍ତାକୁ ତ୍ୱରାନ୍ୱିତ କରିବା ପାଇଁ ଯୁଦ୍ଧବିରତି ପ୍ରସ୍ତାବକୁ ଗ୍ରହଣ କରିବା ନିମନ୍ତେ ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ହଙ୍ଗେରୀ ପ୍ରଧାନମନ୍ତ୍ରୀ କଲେ ଅନୁରୋଧ ।

---

## ପିଏମ୍-ପାର୍ଲାମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସମ୍ବିଧାନ କେବଳ କିଛି ଧାରାର ସଂକଳନ ନୁହେଁ, ବରଂ ଏହାର ଆଭିମୁଖ୍ୟ ଏବଂ ଶବ୍ଦ ସରକାରଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ । ରାଜ୍ୟସଭାରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଚାଲିଥିବା ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ

ଅଂଶ ଗ୍ରହଣ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ସମ୍ବିଧାନ ହେଉଛି ସରକାରଙ୍କୁ ମାର୍ଗଦର୍ଶନ କରିବାର ଏକ ବତୀଘର । ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଅବଦାନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ସମ୍ବିଧାନ ଏବେ ୭୫ ବର୍ଷରେ ପଦାର୍ପଣ କରୁଛି । ସେ କହିଛନ୍ତି ଏନ୍‌ଡିଏ ସରକାରଙ୍କର ତୃତୀୟ ପାଳିରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ବହୁ କଲ୍ୟାଣମୂଳକ ପଦକ୍ଷେପ ନିଆଯାଉଛି । ଏହି ପାଳିରେ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଆଗାମୀ ୫ ବର୍ଷ ମଧ୍ୟରେ ଦେଶରେ ପରିବହନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିବ । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୧୦ କୋଟିରୁ ଅଧିକ କୃଷକ ଉପକୃତ ହୋଇଛନ୍ତି ବୋଲି ସେ କହିଛନ୍ତି ।

ଆଜି ସକାଳେ ସଦନର ବୈଠକ ଆରମ୍ଭ ହେବା ମାତ୍ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା ପୁଣି ଥରେ ଆରମ୍ଭ ହୋଇଥିଲା । ୟୁନାଇଟେଡ୍ ପିପୁଲସ ପାର୍ଟି ଲିବରାଲ୍‌ର ସାଙ୍ଗୱାରା ନାର୍ଜାରୀ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆକ୍ଟ-ଇଷ୍ଟ ନୀତି ଯୋଗୁଁ ଉତ୍ତର-ପୂର୍ବ ଅଞ୍ଚଳରେ  ଉନ୍ନତି ଘଟିଛି । ସେ କହିଛନ୍ତି ଯେ ଏହି ଅଞ୍ଚଳରେ ଶାନ୍ତି ଆସିଛି ଏବଂ ଅନେକ ସନ୍ତ୍ରାସବାଦୀ ଗୋଷ୍ଠୀ ଶାନ୍ତି ଚୁକ୍ତିନାମା ଉପରେ ସ୍ୱାକ୍ଷର କରିଛନ୍ତି ।

ଏହା ପୂର୍ବରୁ ଗତକାଲି ଉତ୍ତରପ୍ରଦେଶର ହାଥ୍ରାସରେ ଘଟିଥିବା ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅଧ୍ୟକ୍ଷ ଜଗଦୀପ ଧନଖଡ଼ କହିଛନ୍ତି ଯେ ଏଥିରେ ପ୍ରାଣ

ହରାଇଥିବା ଏବଂ ଆହତ ହୋଇଥିବା ଘଟଣା ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ । ଆହତମାନଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଘଟଣାର ତଦନ୍ତ ପାଇଁ ଏକ ଅଧିକାରୀସ୍ତରୀୟ କମିଟି ଗଠନ କରିଛନ୍ତି ।

ଅନ୍ୟପକ୍ଷରେ ଏଭଳି ଘଟଣାକୁ ରୋକିବା ପାଇଁ ଆଇନ ପ୍ରଣୟନ କରାଯିବା ଉଚିତ ବୋଲି ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡ୍‌ଗେ ମତ ଦେଇଛନ୍ତି ।  ରାଜ୍ୟସଭାର ଦିବଂଗତ ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ନିରବ ପ୍ରାର୍ଥନା କରାଯାଇଥିଲା ।

## ବାଙ୍ଗଲାଦେଶ-ଭାରତ ଯୋଗଦାନ

ଭାରତୀୟ ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ କେ. ତ୍ରିପାଠୀ ଗତକାଲି ଢ଼ାକା ଠାରେ ବାଙ୍ଗଲାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ହସିନା ୧୯୭୧ରେ ବାଙ୍ଗଲଦେଶ ମୁକ୍ତି ସଂଗ୍ରାମରେ ଭାରତର ସହଯୋଗକୁ ସ୍ମରଣ କରିଥିଲେ ।    ନୌସେନା ପକ୍ଷରୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କୁହାଯାଇଛି  ଜେନେରାଲ୍ ତ୍ରିପାଠୀ ଏବଂ ବାଙ୍ଗଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ମଧ୍ୟରେ  ଦ୍ୱିପାକ୍ଷିକ ସାମୁଦ୍ରିକ ସୁରକ୍ଷା ଏବଂ ସହଯୋଗ ନେଇ ଆଲୋଚନା ହୋଇଥିଲା ।

## ଝାଡ଼ଖଣ୍ଡ ଇଣ୍ଡି ଆଲାଏନ୍ସ ମିଟିଂ

ଝାଡ଼ଖଣ୍ଡ ରାଜନୈତିକ ସ୍ଥିତି ଉପରେ ଆଲୋଚନା ପାଇଁ ଆଜି ଇଣ୍ଡିମେଣ୍ଟ ବିଧାୟକ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଝାଡ଼ଖଣ୍ଡ

ମୁକ୍ତିମୋର୍ଚ୍ଚାର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏହି ବୈଠକକୁ ଆହ୍ୱାନ କରିଥିଲେ । ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍ ଏବଂ ହେମନ୍ତ ସୋରେନଙ୍କ ମଧ୍ୟରେ ରୁଦ୍ଧଦ୍ୱାର ଆଲୋଚନା ପରେ ଇଣ୍ଡିମେଣ୍ଟ ବିଧାୟକ ଦଳ ବୈଠକର ଆୟୋଜନ କରାଯାଇଥିଲା । ଏହି ବୈଠକରେ ଜେଏମ୍ଏମ୍, କଂଗ୍ରେସ ଏବଂ ଆର୍ଜେଡି ବିଧାୟକମାନେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ରାଜ୍ୟରେ ନେତୃତ୍ୱର ସମ୍ଭାବ୍ୟ ପରିବର୍ତ୍ତନ ନେଇ ଏହି ବୈଠକରେ ଆଲୋଚନା ହୋଇଥିବା ଆକଳନ କରାଯାଇଛି । ସୂଚନାଯୋଗ୍ୟ ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟ ଗତମାସ ୨୮ ତାରିଖରେ ଜାମିନ ପ୍ରଦାନ କରିଥିଲେ । ଆଜି ଇଣ୍ଡିମେଣ୍ଟ ବିଧାୟକ ଦଳ ବୈଠକ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ଏପରିକି ମୁଖ୍ୟମନ୍ତ୍ରୀଙ୍କର ଗତକାଲିର ବୈଠକ ଗୁଡ଼ିକ ମଧ୍ୟ ବାତିଲ କରାଯାଇଥିଲା ।

## ବିଜେପି-ରାହୁଲ ଗାନ୍ଧୀ

ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସଦସ୍ୟ ରାହୁଲ ଗାନ୍ଧୀଙ୍କ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟକୁ କରିଥିବା ଆକ୍ଷେପର ପ୍ରତିବାଦରେ ଦିଲ୍ଲୀ ବିଜେପି ନେତାଙ୍କ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଗଣମାଧ୍ୟମକୁ ସୂଚନା ଦେଇ ଦିଲ୍ଲୀ ବିଜେପି ସାଂସଦ ବାଂଶୁରୀ ସ୍ୱରାଜ ଶ୍ରୀ ଗାନ୍ଧୀ ସବୁବେଳେ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ପ୍ରଦାନ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ଏହା ମାଧ୍ୟମରେ

ତୁଷ୍ଟୀକରଣ ରାଜନୀତିକୁ ଶ୍ରୀ ଗାନ୍ଧୀ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ଶ୍ରୀ ଗାନ୍ଧୀ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ସେ ବିଜେପିକୁ ଲକ୍ଷ୍ୟ କରି ମତ ଦେଇଥିଲେ, କୌଣସି ସଂପ୍ରଦାୟ ବିରୁଦ୍ଧରେ ଉଦ୍ଦିଷ୍ଟ ନଥିଲା ବୋଲି କହିଛନ୍ତି ।

---

## ହଙ୍ଗେରୀ-ୟୁକ୍ରେନ

ମସ୍କୋ ଶାନ୍ତି କଥାବାର୍ତ୍ତାକୁ ତ୍ୱରାନ୍ୱିତ କରିବା ପାଇଁ ଯୁଦ୍ଧବିରତି ପ୍ରସ୍ତାବକୁ ଗ୍ରହଣ କରିବା ନିମନ୍ତେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦମୀର ଜେଲେନ୍‌ସ୍କିଙ୍କୁ ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଅର୍ବାନ ଅନୁରୋଧ କରିଛନ୍ତି । ୟୁରୋପୀୟ ସଂଘର ସଭାପତି ପଦ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ଅର୍ବାନଙ୍କ ଏହା ହେଉଛି ପ୍ରଥମ ୟୁକ୍ରେନ୍ ଗସ୍ତ । କିଭ୍ ଠାରେ ହଙ୍ଗେରୀ ପ୍ରଧାନମନ୍ତ୍ରୀ କହିଛନ୍ତି ରୁଷ୍ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ବିରତି ଶାନ୍ତି କଥାବାର୍ତ୍ତାକୁ ଅଧିକ ପ୍ରୋତ୍ସାହିତ କରିବ । ୟୁକ୍ରେନ୍‌କୁ ପଶ୍ଚିମ ରାଷ୍ଟ୍ରଗୁଡ଼ିକର ସହଯୋଗକୁ ଶ୍ରୀ ଅର୍ବାନ୍ ସମାଲୋଚନା କରିଛନ୍ତି । ଅନ୍ୟପକ୍ଷରେ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନ୍‌ଙ୍କର ସେ ଅନ୍ତରଙ୍ଗ ଅଟନ୍ତି । ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଦିମୋତ୍ରୋ କୁଲେବା କହିଛନ୍ତି ଏହି ଗସ୍ତ ଅବସରରେ ଶ୍ରୀ ଅର୍ବାନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ବିଭିନ୍ନ ଗଠନମୂଳକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଶାନ୍ତି ପ୍ରତିଷ୍ଠା ପାଇଁ ମଧ୍ୟ ଏହି ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଶ୍ରୀ କୁଲେବା କହିଛନ୍ତି ।

---

# ବାଇଡେନ୍

ଆମେରିକାର ରାଷ୍ଟ୍ରପତି ଜନ୍ ବାଇଡେନ୍ ଗତକାଲି ସ୍ୱୀକାର କରିଛନ୍ତି ଯେ ରାଷ୍ଟ୍ରପତିଙ୍କ ବିତର୍କ ସମୟରେ ତାଙ୍କ ପ୍ରଦର୍ଶନ ଶ୍ରେଷ୍ଠ ନଥିଲା । ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରାଇନ୍ ଜିନ୍- ପିଏଆର୍ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ କହିଛନ୍ତି ଯେ ରାଷ୍ଟ୍ରପତିଙ୍କର କୌଣସି ବିତର୍କ ରାତିରେ ହୋଇନାହିଁ । ଆସନ୍ତା ୪ ବର୍ଷ ମଧ୍ୟରେ ସେ କିପରି ଦେଶ ଚଳାଇବେ ଏବଂ କାର୍ଯ୍ୟ କରିବେ, ସେ ସଂପର୍କରେ ସେ କହିଥିଲେ । ବାଇଡେନଙ୍କ ସ୍ୱାସ୍ଥ୍ୟ ଏବଂ ମାନସିକ ସ୍ଥିତି ଆଗାମୀ ୪ ବର୍ଷ ପାଇଁ ଦେଶ ଚଳାଇବାକୁ ନେଇ ତାଙ୍କୁ ପ୍ରଶ୍ନ କରାଯାଇଥିଲା । ଶ୍ରୀ ପେୟର କହିଛନ୍ତି ଯେ ବାଇଡେନ୍ ଆମେରିକାର ଜନସାଧାରଣଙ୍କ ଉପରେ ଧ୍ୟାନ ରଖିବେ ।

# ଅଶ୍ୱିନୀ ବୈଷ୍ଣବ

ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତା-ଏଆଇର କ୍ଷମତାର ଉପଯୋଗ କରିବାରେ ଭାରତର ଦୃଷ୍ଟିକୋଣର ଉଦ୍ଦେଶ୍ୟ ପ୍ରଯୁକ୍ତିବିଦ୍ୟାକୁ ଲୋକାଭିମୁଖୀ କରିବା । ନୂଆଦିଲ୍ଲୀଠାରେ ଆଜି ଗ୍ଲୋବାଲ୍ ଇଣ୍ଡିଆ ଏଆଇ ଶିଖର ସମ୍ମିଳନୀରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ପ୍ରଯୁକ୍ତିବିଦ୍ୟା ସମସ୍ତଙ୍କ ପାଇଁ ସୁଲଭ ହେବା ଆବଶ୍ୟକ ବୋଲି ସେ ଜୋର ଦେଇ କହିଛନ୍ତି । ସେ କହିଛନ୍ତି ସରକାର ଖୁବ୍ ଶୀଘ୍ର ଭାରତ ଏଆଇ ମିଶନର ଶୁଭାରମ୍ଭ କରିବ, ଯାହାର ଖର୍ଚ୍ଚ ପ୍ରାୟ ୧୦ ହଜାର କୋଟି ଟଙ୍କା ହେବ । ସେ କହିଛନ୍ତି ଏହି ସାର୍ବଜନିକ ଏବଂ ନିଜସ୍ୱ ଭାଗିଦାରୀ ମାଧ୍ୟମରେ ୧୦ ହଜାର କିମ୍ବା ତା'ଠାରୁ ଅଧିକ ଗ୍ରାଫିକ୍ସ ପ୍ରୋସେସିଙ୍ଗ୍ ୟୁନିଟ୍-ଜିପିୟୁରେ

ଏଆଇ କମ୍ପ୍ୟୁଟ୍ ପାରମ୍ପରିକ ଢ଼ାଞ୍ଚାରେ ନିବେଶ କରିବ । ଶ୍ରୀ ବୈଷ୍ଣବ ଏହା ମଧ୍ୟ କହିଛନ୍ତି ଯେ ଏଆଇର ନୂତନ କେନ୍ଦ୍ର ସ୍ଥାପିତ କରାଯିବ, ଯାହାକି ଉଚ୍ଚ ଗୁଣବତ୍ତା ସଂପନ୍ନ ହୋଇଥିବା ଏବଂ ଏଥିରେ ଡାଟାସେଟ୍ ମଧ୍ୟ ପ୍ରାପ୍ତ ହେଉଥିବ ।

---

# ୟୁପି-ଷ୍ଟାମ୍ପେଡ୍

ଉତ୍ତରପ୍ରଦେଶ ହାଥ୍ରାସ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୨୧କୁ ବୃଦ୍ଧି ପାଇଛି । ଗୁରୁତର ଆହତ ୨୮ ଜଣଙ୍କୁ ଅଲିଗଡ଼, ଆଗ୍ରା, ଏଟା ଏବଂ ହାଥ୍ରାସର ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି । ସିକନ୍ଦରାରାଓ ତହସିଲ ଅନ୍ତର୍ଗତ ଫୁଲରାଇ ଗ୍ରାମର ଭୋଲେବାବାଙ୍କ ସତ୍‌ସଙ୍ଗରେ ଗତକାଲି ଏହି ଦୁର୍ଘଟଣା ଘଟିଛି । କାର୍ଯ୍ୟକ୍ରମ ଶେଷ ହେବା ପରେ ଶ୍ରଦ୍ଧାଳୁମାନେ ଭୋଲେବାବାଙ୍କ ଦର୍ଶନ କରିବାକୁ ଚେଷ୍ଟା କରିବାରୁ ଏହି ଅଘଟଣ ଘଟିଥିଲା । ଉତ୍ତରପ୍ରଦେଶର ମୁଖ୍ୟ ଶାସନ ସଚିବ ମନୋଜ କୁମାର ସିଂହ କହିଛନ୍ତି, ଏ ପର୍ଯ୍ୟନ୍ତ ୭୨ଟି ମୃତ ଦେହକୁ ଚିହ୍ନଟ କରାଯାଇପାରିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆଗ୍ରା ଜୋନ୍‌ର ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଟିକୁ କୁହାଯାଇଛି ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

ପୃଥକ ପୃଥକ ବାର୍ତ୍ତାରେ ସେମାନେ ଏହି ଘଟଣାରେ ମହିଳା ଏବଂ ଶିଶୁଙ୍କ ମୃତ୍ୟୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ଆତଙ୍କର ଆଶୁଆରୋଗ୍ୟ ମଧ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଘଟଣା ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଆଲୋଚନା କରିଛନ୍ତି । ଏହି ଦୁର୍ଘଟଣାରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଏବଂ ଆତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ସେହିଭଳି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମୃତକଙ୍କ ପରିବାର ଏବଂ ଆହତଙ୍କ ଲାଗି ସମପରିମାଣର ଅନୁକମ୍ପା ମୂଳକ ରାଶି ଘୋଷଣା କରିଛନ୍ତି ।

---